# ନାଉପାଲରେ ମାଗଣା ସ୍ୱାସ୍ଥ୍ୟ ଶିବିର

... / ବଡବାହି, ୭।୩(ନିପ୍ର) -ବଡବାହି ବ୍ଲକ ନାଉପାଲ ପଞ୍ଚାୟତ କାର୍ଯ୍ୟାଳୟରେ ଆଇଆରଡିପି ଏବଂ ରାଇଟସ୍ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ୭ତାରିଖରେ ଅନୁଷ୍ଠିତ ହୋଇଯାଇଛି । ସଂସ୍ଥାର ସଂଯୋଜକ ପ୍ରଶାନ୍ତ କୁମାର ଭୂୟାଁ ସ୍ୱାସ୍ଥ୍ୟସେବା ସମ୍ପର୍କରେ ସଚେତନ ରହିବା ସହ ସ୍ୱାସ୍ଥ୍ୟସେବାର



ସୁଯୋଗ ନେବାକୁ କହିଥିଲେ । ଶିବିରରେ ଡାକ୍ତର ପିନାକୀ ମହାନ୍ତି, ଡାକ୍ତର ଏସ୍ ଏସ୍ ମୁର୍ମୁ ଏବଂ ଡାକ୍ତର ନମ୍ରତା ମହଲା ଉପସ୍ଥିତ ରହି ୪୫୦ରୁ ଅଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣା ଔଷଧ ବଣ୍ଟନ କରିଥିଲେ । ଶିବିରରେ ନାଉପାଲ ସରପଞ୍ଚ ବସନ୍ତୀ କିସ୍କୁ, ସମାଜସେବୀ ହରମୋହନ କିସ୍କୁ, କରୁଣାକର ମହାନ୍ତି, ତପନ କୁମାର ବଳ, ଶେଫାଳୀ ସେଠୀ, ଗୌତମ ମହାନ୍ତ, ସମୀର ସାହୁ ଏବଂ ରାଜେନ୍ଦ୍ର ଖେଳପଡା ପ୍ରମୁଖ ସହଯୋଗ କରିଥିଲେ ।